# DISTRICT RURAL DEVELOPMENT [illegible] : SAMBALPUR

Panchayati Raj

**Dist. Sambalpur, Odisha-768001**

Phone : (0663) 2410992/2410191, Email : ori-dsambalpur@nic.in


Letter No. 2884 /MGNREGS/2018 Date 01/10/2018

To

The District Informatics Officer,
Sambalpur

Sub.: Web-hoisting of the circular on Special Palli Sabha / Gram Sabha to be held on 2nd October 2018 onwards – reg.

Ref.: Letter no. 18046/PR Dt.22.09.2018.

Sir/Madam,

With reference to the subject cited above, I am to say that, special Palli Sabha / Gram Sabha is to be held in every Gram Panchayat (GP) from 2nd October 2018 in the district.

As per the instruction of Govt., wide publicity should be made regarding this programme. As, NIC Portal of the district is a suitable medium to reach out to the public, the write ups enclosed to this letter may kindly be web-hoisted.

I therefore, request you to hoist the copies of the guidelines communicated by the Govt. in PR&DW Department vide letter no.18046 dt.22.09.2018 and a write up in odia for wider publicity.

Yours faithfully,

Encl.: As above.

**PD, DRDA-cum-Addl. DPC**
MGNREGS, Sambalpur

Memo No. 2885 / Dt. 01.10.2018

Copy to PA to Collector for kind information of Collector, Sambalpur.

**PD, DRDA-cum-Addl. DPC**
MGNREGS, Sambalpur

# ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

ସମ୍ବଲପୁର ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ନିୟମାବଳୀ ଅନୁଯାୟୀ ଆସନ୍ତା ତା.02.10.2018 ରିଖରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ବୈଠକ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ ଏବଂ ତା.03.10.2018 ରିଖ ଠାରୁ ତା.30.11.2018 ରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ପଲ୍ଲୀସଭା ବୈଠକ ଅନୁଷ୍ଠିତ ହେବ। ଉକ୍ତ ସଭାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି (MGNREGA) ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଚୟନ ଓ ଶ୍ରମ ଦିବସ ଅଟକଳ ପ୍ରସ୍ତୁତ କରାଯିବ।

1. ଏହି ସଭାରେ ଅନୁସୂଚିତ ଜନଜାତି/ଜାତି, ବି.ପି.ଏଲ୍. ପରିବାର, ମହିଳା ମୁଖ୍ୟ ପରିବାର, ଦିବ୍ୟାଙ୍ଗ ପରିଚାଳିତ ପରିବାର, ଭୂସଂସ୍କାର/ଭୁବନ୍ଦୋବସ୍ତ ହିତାଧିକାରୀ, ଜଙ୍ଗଲ ଜମି ପଟ୍ଟା ପାଇଥିବା ହିତାଧିକାରୀ, ଗ୍ରାମୀଣ ହିତାଧିକାରୀ ଏବଂ ସର୍ବ ଶେଷରେ କ୍ଷୁଦ୍ର ଓ ନାମମାତ୍ର ଚାଷି ପରିବାରଙ୍କ ଜୀବନ ଜୀବିକାର ସୁରକ୍ଷା ନିମନ୍ତେ ପ୍ରକଳ୍ପ ଚୟନ କରିବାରେ ଅଗ୍ରାଧିକାର ଦିଆଯିବ।
2. ପ୍ରାକୃତିକ ସଂପଦ ପରିଚାଳନା (ଜଳ, ଜଙ୍ଗଲ ଓ ଜମି) ନିମନ୍ତେ ତଥା ଜୀବନ ଜୀବିକା ପାଇଁ ସ୍ୱତନ୍ତ୍ର ରୂପେ ପ୍ରକଳ୍ପ ଚୟନ କରାଯିବ।
3. ବିଭିନ୍ନ କାର୍ଯ୍ୟ ନିର୍ବାହୀ ବିଭାଗ (ଜଙ୍ଗଲ, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ଓଡ଼ିଶା ଜୀବିକା ମିଶନ ବିଭାଗ) ସହିତ ସମନ୍ୱିତ କାର୍ଯ୍ୟ ଅନ୍ତର୍ଭୁକ୍ତ କରାଯିବ।
4. ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGA) କାର୍ଯ୍ୟଖସଡ଼ା ପ୍ରସ୍ତୁତ ବେଳେ ମହିଳା ମାନଙ୍କ ଯୋଗଦାନକୁ ଗୁରୁତ୍ୱ ଦିଆଯିବ।
5. କୃଷିଭିତ୍ତିକ କାର୍ଯ୍ୟ ତଥା ଖୋଲା କୂପ ଖନନ, ଗାଈ, ଛେଳି ଓ କୁକୁଡ଼ା ପାଳନ ଆଦି ହିତାଧିକାରୀ ଚୟନ କରାଯିବ।
6. କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ଦୂରିକରଣ ଯୋଜନା ଗୁଡ଼ିକୁ ଲୋକାଭିମୁଖୀକରଣ କରିବା ପାଇଁ ପଦକ୍ଷେପ ନିଆଯିବ।
7. ନିମ୍ନଲିଖିତ ପ୍ରସ୍ତାବିତ କାର୍ଯ୍ୟାବଳିକୁ ନେଇ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ।

| ଗୋଷ୍ଠିଭିତ୍ତିକ ପ୍ରକଳ୍ପ | ବ୍ୟକ୍ତିଗତ ପ୍ରକଳ୍ପ |
|---|---|
| ଗ୍ରାମୀଣ ପାଠାଗାର ତଥା ସୂଚନା କେନ୍ଦ୍ର | ଚାଷ ନିମନ୍ତେ ଖୋଲା କୂପ ଖନନ |
| ଗ୍ରାମୀଣ ବଜାର ନିର୍ମାଣ/ଉନ୍ନତିକରଣ | କୃଷି ପୋଖରୀ/ମତ୍ସ୍ୟ ପୋଖରୀ ନିର୍ମାଣ କିମ୍ବା ଉନ୍ନତିକରଣ |
| ବୃକ୍ଷରୋପଣ | ନାଡେପ ଓ ଜିଆ ଖତ ପ୍ରସ୍ତୁତୀ ପ୍ରକଳ୍ପ |
| ଖେଳପଡ଼ିଆ ନିର୍ମାଣ/ଉନ୍ନତିକରଣ | ଗାଈ ଗୁହାଳ ନିର୍ମାଣ |
| ପାରମ୍ପରିକ ଜଳଉତ୍ସ (ବନ୍ଧ/କଟା ର ଉନ୍ନତିକରଣ) | କୁକୁଡ଼ା ଘର ନିର୍ମାଣ |
| ପାରମ୍ପରିକ କେନାଲର ପୁନଃ ଉଦ୍ଧାର/ଉନ୍ନତିକରଣ | ଘୁଷୁରୀ ଗୁହାଳ ନିର୍ମାଣ |
| ଚାରା ଉଦ୍ୟାନ କେନ୍ଦ୍ର | ଛେଳି ଗୁହାଳ ନିର୍ମାଣ |
| ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ | ବ୍ୟକ୍ତି ସମୁଚିତ ବୃକ୍ଷରୋପଣ |
| ବିଦ୍ୟାଳୟ ଓ ଅଙ୍ଗନୱାଡିରେ ଶୌଚାଳୟ ନିର୍ମାଣ | ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ |
| ଗ୍ରାମରେ ସୋକ୍-ପିଟ୍ ନିର୍ମାଣ | ନାଡେପ ଓ ଜିଆ ଖତ ପ୍ରସ୍ତୁତୀ ପ୍ରକଳ୍ପ |

ଏଣୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି କି ଉକ୍ତ ସଭାରେ ବହୁଳ ସଂଖ୍ୟାରେ ଯୋଗଦାନ କରି ଉପରୋକ୍ତ ସୁବିଧା ସୁଯୋଗ ପାଇବା ସହିତ ସଭାକୁ ସାଫଲ୍ୟମଣ୍ଡିତ କରିବା ହେବେ।

ପ୍ରକଳ୍ପ ନିର୍ଦ୍ଦେଶକ-ତଥା-ଅତିରିକ୍ତ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ସମ୍ବଲପୁର